## ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ପର୍ଯ୍ୟାଲୋଚନା (ଦିଶା) କମିଟି ବୈଠକ ଅନୁଷ୍ଠିତ -

## ନିର୍ଦ୍ଧାରିତ ସମୟ ମଧ୍ୟରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ସମ୍ପନ୍ନ ଉପରେ ଗୁରୁତ୍ୱ ।

ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପର ସଠିକ୍ କାର୍ଯ୍ୟକାରିତାକୁ ନେଇ ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ପର୍ଯ୍ୟାଲୋଚନା (ଦିଶା) କମିଟିର ବୈଠକ ଆଜି ପୂର୍ବାହ୍ନରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଢେଙ୍କାନାଳ ଲୋକସଭା ସାଂସଦ ଶ୍ରୀ ମହେଶ ସାହୁ ଅଧ୍ୟକ୍ଷତା କରି ସରକାରଂକ '୫ଟି' କାର୍ଯ୍ୟକ୍ରମ ଆଧାରରେ ବିଭିନ୍ନ ସରକାରୀ ଯୋଜନାର ପ୍ରକଳ୍ପ କାର୍ଯ୍ୟକୁ ନିର୍ଦ୍ଧିଷ୍ଟ ସମୟସୀମା ମଧ୍ୟରେ ଶେଷ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ବୈଠକରେ ଛେଣ୍ଡିପଦା ବିଧାୟକ ଶ୍ରୀ ସୁଶାନ୍ତ କୁମାର ବେହେରା, ତାଳଚେର ବିଧାୟକ ଶ୍ରୀ ବ୍ରଜ କିଶୋର ପ୍ରଧାନ, ଆଠମଲ୍ଲିକ ବିଧାୟକ ଶ୍ରୀ ରମେଶ ଚନ୍ଦ୍ର ସାଏ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ବାସନ୍ତୀ କିଷାନ,ସମ୍ବଲପୁର ସାଂସଦଂକ ପ୍ରତିନିଧି ଶ୍ରୀ ଅଗସ୍ତି ବେହେରା, ଅନୁଗୋଳ ବିଧାୟକ ତଥା ଓଡିଶା ବିଧାନସଭା ଉପ-ବାଚସ୍ପତିଙ୍କ ପ୍ରତିନିଧି ଶ୍ରୀ ପ୍ରିୟଦର୍ଶୀ ପଟ୍ଟନାୟକ ଓ ପାଲଲହଡା ବିଧାୟକଂକ ପ୍ରତିନିଧି ଶ୍ରୀ କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ସମସ୍ତଂକୁ ସ୍ୱାଗତ ଜଣାଇବା ସହ 'ଦିଶା' ଅନ୍ତର୍ଗତ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋକପାତ କରିଥିଲେ । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଦିଲ୍ଲିପ କୁମାର ସାହୁ ଜଳ ଜୀବନ ମିଶନ,ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ),ମହାତ୍ମାଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ଭୌତିକ ଲକ୍ଷ ଓ ଏହାର ସଫଳତା ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ । ଜଳ ଜୀବନ ମିଶନରେ ୨୯ ଗୋଟି ପ୍ରକଳ୍ପ ମଧ୍ୟରୁ ୫ ଟି ପ୍ରକଳ୍ପର କାର୍ଯ୍ୟ ଶେଷ ହୋଇଥିବାବେଳେ ୨୪ଟିର କାର୍ଯ୍ୟ ଚାଲୁ ରହିଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ବର୍ତ୍ତମାନ ସୁଦ୍ଧା ୨୦ ହଜାର ୯୧ଟି ଘର ମଧ୍ୟରୁ ୧୯୬୯ଟି

ଘରର କାର୍ଯ୍ୟ ଶେଷ ହୋଇଥିବା ବେଳେ ଅବଶିଷ୍ଟ ଘରର କାର୍ଯ୍ୟ ଚାଲୁ ରହିଛି । ସେହିପରି ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୧୪ ଲକ୍ଷ ୧୨ ହଜାର ୧୦୨ ଶ୍ରମ ଦିବସ ସୃଷ୍ଟି କରାଯିବାର ଧାର୍ଯ୍ୟ ଲକ୍ଷ୍ୟ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୪ ଲକ୍ଷ ୬୬ ହଜାର ୨୪୮ଟି ଶ୍ରମ ଦିବସ ସୃଷ୍ଟି ହୋଇ ସଫଳତାର ହାର ୧୦୪ ପ୍ରତିଶତରେ ପହଂଚିଛି । ସାମ୍ପ୍ରତିକ ପରିସ୍ଥିତିରେ ସରକାର କରୋନା ମହାମାରୀର ସଠିକ୍ ମୁକାବିଲା କରୁଥିବାରୁ ପ୍ରବାସୀ ଶ୍ରମିକମାନଙ୍କୁ ଏହି ଯୋଜନାରେ ଅଧିକ କାର୍ଯ୍ୟ ଯୋଗାଇ ଦେଇ ସେମାନଙ୍କର ଜିବିକା ନିର୍ବାହରେ ସହାୟକ ହେବା ଉପରେ ବିଧାୟକମାନେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା.ଅଭୟ କୁମାର ଦାଶ ଏହି ବୈଠକରେ ଯୋଗ ଦେଇ ଜାତୀୟ ସ୍ୱାସ୍ଥ୍ୟ ମିଶନର ବିଭିନ୍ନ ସ୍ୱାସ୍ଥ୍ୟ ଭିତ୍ତିକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଡାକ୍ତରମାନଙ୍କର Rationalization କରି ଯେଉଁ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ନାହାନ୍ତି ସେଠାରେ ଡାକ୍ତର ନିୟୋଜିତ କରିବାକୁ ମାନ୍ୟବର ସାଂସଦ ପରାମର୍ଶ ଦେଇଥିଲେ । ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାକୁ ତ୍ୱରାନ୍ୱିତ ଭାବେ କରିବା ନିମନ୍ତେ ଅବସରପ୍ରାପ୍ତ ଫାର୍ମାସିଷ୍ଟମାନଙ୍କୁ ଜିଲ୍ଲା ଖଣିଜ ପାଣ୍ଠି ସହାୟତାରେ ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିୟୋଜିତ କରିବାକୁ ସାଂସଦ ପରାମର୍ଶ ଦେଇଛନ୍ତି । କୋଭିଡ ନିୟମକୁ ଦୃଷ୍ଟିରେ ରଖି ସାମାଜିକ ଦୂରତା ବଜାୟ ରଖିବା ନିମନ୍ତେ ଏହି ବୈଠକରେ ୪ଟି ବିଭାଗର କର୍ମକର୍ତ୍ତାଙ୍କୁ ଡକାଯାଇଥିଲା । ପର୍ଯ୍ୟାୟକ୍ରମେ ପୁନର୍ବାର ବୈଠକ ଡାକି ଅନ୍ୟ ବିଭାଗର ପ୍ରକଳ୍ପ କାର୍ଯ୍ୟକାରିତାକୁ ସମୀକ୍ଷା ଓ ପର୍ଯ୍ୟାଲୋଚନା କରାଯିବ ବୋଲି ସାଂସଦ ପ୍ରକାଶ କରିଥିଲେ ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ,ଅନୁଗୋଳ ।

ଜ୍ଞାପକ ସଂଖ୍ୟା. ୫୧୦ ତା.୬.୮.୨୦୨୦

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ


DISTRICT DEVELOPMENT CO-ORDINATION
&
MONITORING COMMITTEE (DISHA) MEETING
Venue : DRDA Conference Hall, Angul


DISTRICT DEVELOPMENT CO-ORDINATION
&
MONITORING COMMITTEE (DISHA) MEETING
Date : 6th August, 2020
Venue : DRDA Conference Hall, Angul